# ସତ୍ୟବାକ୍ୟ

# THE WORD OF TRUTH

**JULY & AUGUST - 2012**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.19.July & Aug-2012.No-4

Published every two months in **Oriya** language for the Restoration of pure New Testament Christianity

## ସମ୍ପାଦକଙ୍କ କଲମରୁ...

ପ୍ରିୟ "ସତ୍ୟବାଣୀ" ପାଠକ,

ଦୀର୍ଘ ପନ୍ଦର ବର୍ଷ ଧରି ବିନାମୂଲ୍ୟରେ ଆପଣଙ୍କୁ "ସତ୍ୟବାଣୀ" ପତ୍ରିକା ପଠାଇବାରେ ଈଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କଲେ, ଈଶ୍ୱରଙ୍କ ନାମ ଧନ୍ୟ ହେଉ । ପ୍ରତିକୂଳ ପରିସ୍ଥିତି ଯୋଗୁଁ, ଏହି ପତ୍ରିକା ବିନାମୂଲ୍ୟରେ ପଠାଇବାରେ ଆମ୍ଭେମାନେ ସକ୍ଷମ ନୋହୁଁ । ଆସନ୍ତା ମାସରୁ ଏହି ପତ୍ରିକା ପ୍ରାପ୍ତ ହେବାକୁ ଇଚ୍ଛୁକ ଭାଇଭଉଣୀମାନଙ୍କୁ ବାର୍ଷିକ ଚାନ୍ଦା ରୂପେ ୧୦୦/- ଟଙ୍କା ନିମ୍ନଲିଖିତ ଠିକଣାରେ **M.O.** ଦ୍ୱାରା ପଠାଇବାକୁ ଅନୁରୋଧ କରୁ ।

**SATYA VANI**
H.No. 7-9-35
Sam Murthy Street, KAKINADA, A.P.
PIN - 533001

# ସତ୍ୟବାଣୀ
# VOICE OF TRUTH

VOL - XVII KAKINADA JUL-AUG-2012


## ସୃଷ୍ଟି ପ୍ରାରମ୍ଭରୁ ଏବେ ପର୍ଯ୍ୟନ୍ତ
### (From creation untill now)

"ଆଦ୍ୟରେ ପରମେଶ୍ୱର ସ୍ୱର୍ଗ ଓ ପୃଥିବୀ ସୃଷ୍ଟି କଲେ ।" (ଆଦି ୧:୧) । ଏହି ବାକ୍ୟ ଦ୍ୱାରା ସୃଷ୍ଟିର ଅସ୍ତିତ୍ୱ ବିଷୟରେ ପବିତ୍ର ଶାସ୍ତ୍ର ଆରମ୍ଭ ହୁଏ । ସର୍ବଶକ୍ତିମାନ ସୃଷ୍ଟିକର୍ତ୍ତା ପରମେଶ୍ୱର ଦ୍ୱାରା ଏହି ବିଶ୍ୱର ପ୍ରତ୍ୟେକ ବିଷୟ ସୃଷ୍ଟି । ନିହିମିୟା ୯:୬ ପଦରେ ଲେଖାଯାଏ, "କେବଳ ତୁମ୍ଭେ ହିଁ ସଦାପ୍ରଭୁ ଅଟ, ତୁମ୍ଭେ ସ୍ୱର୍ଗ, ସ୍ୱର୍ଗର ସ୍ୱର୍ଗ ଓ ତହିଁର ସମଗ୍ର ବାହିନୀ; ପୃଥିବୀ ଓ ତନ୍ମଧ୍ୟସ୍ଥ ସମସ୍ତ ବସ୍ତୁ, ସମୁଦ୍ର ଓ ତନ୍ମଧ୍ୟସ୍ଥ ସକଳ ବସ୍ତୁ ନିର୍ମାଣ କରିଅଛ ଓ ତୁମ୍ଭେ ସେସବୁର ସ୍ଥିତି କରୁଅଛ ଓ ସ୍ୱର୍ଗୀୟ-ବାହିନୀ ତୁମ୍ଭକୁ ପ୍ରଣାମ କରନ୍ତି ।" ଈଶ୍ରାଏଲର ସୁନ୍ଦର-ଗାୟକ ଦାଉଦ ମହାରାଜା ଗାଇଲେ, "ଗଗନ ମଣ୍ଡଳ ସଦାପ୍ରଭୁଙ୍କ ବାକ୍ୟରେ ଆଉ ତହିଁରେ ସମସ୍ତ ବାହିନୀ ତାହାଙ୍କ ମୁଖର ନିଶ୍ୱାସରେ ନିର୍ମିତ । ସେ ସମୁଦ୍ରର ଜଳସମୂହକୁ ରାଶି ତୁଲ୍ୟ ଏକତ୍ର କରନ୍ତି । ସେ ବାରିଧି ସମୂହକୁ ଭଣ୍ଡାରରେ ସଞ୍ଚୟ କରନ୍ତି । ସେ ବାରିଧି ସମୂହକୁ ଭଣ୍ଡାରରେ ସଞ୍ଚୟ କରନ୍ତି । ସମୁଦାୟ ପୃଥିବୀ ସଦାପ୍ରଭୁଙ୍କୁ ଭୟ କରୁ । ଜଗନ୍ନିବାସୀ ସମସ୍ତେ ତାହାଙ୍କ ବିଷୟରେ ଭୀତ ହୁଅନ୍ତି । ସେ କହିବା ମାତ୍ରେ ସୃଷ୍ଟି ହେଲା, ସେ ଆଜ୍ଞା କରିବା ମାତ୍ରେ ସ୍ଥିତି ହେଲା ।" (ଗୀତ ୩୩:୬-୯) । "ଆହୁରି, ହେ ପ୍ରଭୁ, ତୁମ୍ଭେ ଆରମ୍ଭରେ ପୃଥିବୀର ଭିତ୍ତିମୂଳ ସ୍ଥାପତ କରି ଅଛ, ପୁଣି ଆକାଶମଣ୍ଡଳ ତୁମ୍ଭ ହସ୍ତକୃତ କର୍ମ ।" (ଏବ୍ରୀ ୧:୧୦) । "ବିଶ୍ୱାସ ଦ୍ୱାରା ଆମ୍ଭେମାନେ ବୁଝୁ ଯେ, ସମସ୍ତ ବିଶ୍ୱ ଈଶ୍ୱରଙ୍କ ଦ୍ୱାରା ରଚିତ, ଅତଏବ କୌଣସି ପ୍ରତ୍ୟକ୍ଷ ବିଷୟରୁ ଦୃଶ୍ୟ ବିଷୟ ଉତ୍ପନ୍ନ ହୋଇନାହିଁ ।" (ଏବ୍ରୀ ୧୧:୩, ଯାତ୍ରା ୨୦:୧୧, ୩୧:୧୭, ଗୀତ ୮:୩, ୧୦୨:୨୫, ୧୧୫:୧୫, ଯିରିମିୟ ୫୧:୫, ପ୍ରକାଶିତ ୪:୧୧, ୧୦:୬) ।

ଏବ୍ରୀ ୩:୪ ପଦରେ ଲେଖାଯାଏ, "ଯେଣୁ ପ୍ରତ୍ୟେକ ଗୃହ କୌଣସି ନା କୌଣସି ବ୍ୟକ୍ତିଙ୍କ ଦ୍ୱାରା ସ୍ଥାପିତ, କିନ୍ତୁ ସମସ୍ତ ବିଷୟରେ ଯେ ସ୍ଥାପନ କର୍ତ୍ତା ସେ

ଈଶ୍ୱର ।" ଏହି ପୃଥିବୀ ନିବାସୀମାନଙ୍କ ଠାରୁ ଶ୍ରେଷ୍ଠତର ବ୍ୟକ୍ତି ଏହି ବିଶ୍ୱର ସୃଷ୍ଟିକର୍ତ୍ତା ଅଟନ୍ତି ବୋଲି ଉପରୋକ୍ତ ବାକ୍ୟ ଦ୍ୱାରା ପ୍ରମାଣିତ ହୁଏ । ନିର୍ଜୀବ, ପ୍ରାଣହୀନ ବସ୍ତୁ ଦ୍ୱାରା ଜୀବନର ପ୍ରାରମ୍ଭ ହୋଇଅଛି ବୋଲି ବିଶ୍ୱାସ କରିବା ହାସ୍ୟାସ୍ପଦ । ସୃଷ୍ଟିକର୍ତ୍ତା ବିନୁ ସୃଷ୍ଟି ଅସମ୍ଭବ । ସୃଷ୍ଟିକର୍ତ୍ତାଙ୍କ ଅପରୂପ ସୌନ୍ଦର୍ଯ୍ୟମୟ ଓ ଆଶ୍ଚର୍ଯ୍ୟମୟ କର୍ମ ଦେଖି ତାହାଙ୍କ ଅସ୍ତିତ୍ୱ ଅସ୍ୱୀକାର କରିବା ମୁର୍ଖତାର ବିଷୟ । "କାରଣ ଯେଉଁ ଲୋକମାନେ ଅଧର୍ମରେ ସତ୍ୟକୁ ପ୍ରତିରୋଧ କରନ୍ତି, ସେମାନଙ୍କର ସମସ୍ତ ଅପବିତ୍ରତା ଓ ଅଧର୍ମ ବିରୁଦ୍ଧରେ ସ୍ୱର୍ଗରୁ ଈଶ୍ୱରଙ୍କ କ୍ରୋଧ ପ୍ରକାଶିତ ହେଉଅଛି । ଯେଣୁ ଈଶ୍ୱରଙ୍କ ସମ୍ବନ୍ଧରେ ଯାହା ଜ୍ଞାତବ୍ୟ, ତାହା ସେମାନଙ୍କ ନିକଟରେ ପ୍ରକାଶିତ ହୋଇଅଛି, ଈଶ୍ୱର ତ ସେମାନଙ୍କ ନିକଟରେ ପ୍ରକାଶ କରିଅଛନ୍ତି । ଜଗତର ସୃଷ୍ଟିକାଳବଧି ତାହାଙ୍କର ଅଦୃଶ୍ୟ ଗୁଣ ସମୂହ, ଅର୍ଥାତ୍ ତାହାଙ୍କର ଅନାଦି ଅନନ୍ତ ଶକ୍ତି ଓ ଈଶ୍ୱରତ୍ୱ ସୃଷ୍ଟି ବସ୍ତୁ ଗୁଡ଼ିକ ଦ୍ୱାରା ବୋଧଗମ୍ୟ ହୋଇ ସ୍ପଷ୍ଟରୂପେ ପ୍ରତିୟମାନ ହେଉଅଛି । ଯେପରି ସେମାନଙ୍କର ଉତ୍ତର ଦେବାର ବାଟ ନଥାଏ । କାରଣ ସେମାନେ ଈଶ୍ୱରଙ୍କୁ ଜାଣି ତାହାଙ୍କୁ ଈଶ୍ୱର ବୋଲି ଗୌରବ ଦେଲେ ନାହିଁ, କିନ୍ତୁ ଆପଣା ଆପଣା ଅସାର ତର୍କବିତର୍କରେ ଜଡ଼ିତ ହେଲେ ଓ ସେମାନଙ୍କର ଅବୋଧ ମନ ଅନ୍ଧକାରମୟ ହେଲା । ନିଜ ନିଜକୁ ଜ୍ଞାନୀ ବୋଲି ମନେ କରି ସେମାନେ ମୁର୍ଖ ହେଲେ, ପୁଣି ଅକ୍ଷୟ ଈଶ୍ୱରଙ୍କ ଗୌରବକୁ କ୍ଷୟଣୀୟ ମନୁଷ୍ୟ, ପକ୍ଷୀ, ଚତୁଷ୍ପଦ ପ୍ରାଣୀ, ସରୀସୃପାଦିଙ୍କ ଆକୃତିଯୁକ୍ତ ପ୍ରତିମାରେ ପରିଣତ କଲେ । ଏଣୁ ଈଶ୍ୱର ସେମାନଙ୍କ ହୃଦୟର କୁଅଭିଳାଷ ଅନୁସାରେ ସେମାନଙ୍କୁ ଅଶୁଚିତାରେ ସମର୍ପଣ କଲେ, ଯେପରି ସେମାନଙ୍କ ଶରୀର ପରସ୍ପର ଦ୍ୱାରା କଳୁଷିତ ହୁଏ ।" (ରୋମୀୟ ୧:୧୮-୨୪) ।

ସୈନ୍ୟାଧିପତି ସଦାପ୍ରଭୁ ବିଶ୍ୱ ଓ ତନ୍ମଧ୍ୟସ୍ଥ ସମସ୍ତର ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତା ହୋଇଥିବାରୁ ସମସ୍ତ ଆଧିପତ୍ୟ ତାହାଙ୍କର । ସେ ମାନବ ଜାତିର ଶାସନକର୍ତ୍ତା ଓ ଅନାଜ୍ଞାବହମାନଙ୍କ ଦଣ୍ଡଦାତା । ଈଶ୍ୱର ଏକ ଅଟନ୍ତି । ପିତା ପରମେଶ୍ୱର, ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟ ଓ ପବିତ୍ର ଆତ୍ମା ଐଶ୍ୱରିକତ୍ୱର ତିନୋଟି ବ୍ୟକ୍ତିତ୍ୱ । (ମାଥିଉ ୧୮:୧୯) । ପାପୁଲି ଯେପରି ପାଞ୍ଚଟି ଆଙ୍ଗୁଳି ଦ୍ୱାରା ଗଠିତ । ଐଶ୍ୱରିକତ୍ୱରେ ତିନୋଟି ବ୍ୟକ୍ତିତ୍ୱ କିନ୍ତୁ ଏକ ଈଶ୍ୱର ଅଟନ୍ତି । ଐଶ୍ୱରିକତ୍ୱର ତିନୋଟି ବ୍ୟକ୍ତି ଦ୍ୱାରା ଏହି ବିଶ୍ୱ ସୃଜିତ । (ଆଦି ୧:୨୬) ଏଫିସୀ ୩:୯,୧୦ ଓ ଏବ୍ରୀ ୧:୨,୩ ପଦରେ ସୃଷ୍ଟିରେ ଯୀଶୁଖ୍ରୀଷ୍ଟଙ୍କ ଅବଦାନ ପଢ଼ିଥାଉ

ଯେଉଁ ସର୍ବଶକ୍ତି ଦ୍ୱାରା ଏହି ବିଶ୍ୱ ସୃଷ୍ଟି ହୋଇଥିଲା, ସେହି ସର୍ବଶକ୍ତି ଦ୍ୱା ଏବେ ପର୍ଯ୍ୟନ୍ତ ଏହି ବିଶ୍ୱ ପରିଚାଳିତ ହେଉଅଛି । (ନିହିମିୟ ୯:୬; ଏବ୍ରୀ ୧:୨-୩, ୨ ପିତର ୩:୭; ପ୍ରକାଶିତ ୪:୧୧) । "ସେ ଅଦୃଶ୍ୟ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ସମସ୍ତ ସୃଷ୍ଟିର

ପ୍ରଥମଜାତ । କାରଣ ଦୃଶ୍ୟ ଓ ଅଦୃଶ୍ୟ ସ୍ୱର୍ଗରେ ଓ ପୃଥିବୀରେ ସମସ୍ତ ବିଷୟ ତାହାଙ୍କ ଦ୍ୱାରା ସୃଷ୍ଟି ହେଲା, ସିଂହାସନ କି ପ୍ରଭୁତ୍ୱ କି ଆଧିପତ୍ୟ କି କର୍ତ୍ତାପଣ, ସମସ୍ତ ତାହାଙ୍କ ଦ୍ୱାରା ଓ ତାହାଙ୍କ ନିମନ୍ତେ ସୃଷ୍ଟ ହୋଇଅଛି । ସମସ୍ତ ବିଷୟ ହେବା ପୂର୍ବରୁ ସେ ଅଛନ୍ତି ଓ ତାହାଙ୍କ ଠାରେ ସମସ୍ତ ବିଷୟର ଅସ୍ତିତ୍ୱ ଅଛି ।" (କଲସୀ ୧:୧୬,୧୭) ।

ସଦାପ୍ରଭୁ ପରମେଶ୍ୱରଙ୍କ ଯୋଜନା ଦ୍ୱାରା ଏହି ବିଶ୍ୱର ସୃଷ୍ଟି । ସେ ଅନନ୍ତଜୀବି ଅଟନ୍ତି । ସେ ଆଦି ଓ ଅନନ୍ତ ଅଟନ୍ତି । ସେ ପ୍ରାକୃତିକ ସୂତ୍ରର ଅଧୀନ ନୁହନ୍ତି , କିନ୍ତୁ ପ୍ରାକୃତିକ ସୂତ୍ର ତାହାଙ୍କ ଦ୍ୱାରା ସୃଷ୍ଟ । ତାହାଙ୍କ ନିର୍ମିତ ସୂତ୍ର ଦ୍ୱାରା ଏହି ବିଶ୍ୱ ଚାଲିବ । ଆଶ୍ଚର୍ଯ୍ୟମୟ ପରମେଶ୍ୱରଙ୍କ ଆଜ୍ଞାପାଳନ କରିବା ମନୁଷ୍ୟର ସର୍ବପ୍ରଥମ କର୍ତ୍ତବ୍ୟ । ସେ ଏକମାତ୍ର ପରମେଶ୍ୱର ଅଟନ୍ତି, ଯେ ମନୁଷ୍ୟର ଆରାଧନାର ଯୋଗ୍ୟ । "ଯେଉଁ ଈଶ୍ୱର ଜଗତ ଓ ତନ୍ମଧ୍ୟସ୍ଥ ସମସ୍ତ ପଦାର୍ଥ ସୃଷ୍ଟି କରି ଅଛନ୍ତି, ସେ ସ୍ୱର୍ଗ ଓ ପୃଥିବୀର ପ୍ରଭୁ ହେବାରୁ ହସ୍ତ ନିର୍ମିତ ମନ୍ଦିର ସମୂହରେ ବାସ କରନ୍ତି ନାହିଁ ।" (ପ୍ରେରିତ ୧୭:୨୪) ।

## ଆତ୍ମିକ ଉପଦେଶ ପୁସ୍ତକ :

ମହାନ ପରମେଶ୍ୱର ଆମ୍ଭମାନଙ୍କୁ ଆତ୍ମିକ ନିର୍ଦ୍ଦେଶ ନ ଦେଇ ପରିତ୍ୟାଗ କରି ନାହାନ୍ତି । ଏହି ପୁସ୍ତକ ଦ୍ୱାରା ଆମ୍ଭେମାନେ ତାହାଙ୍କ ସହିତ ଓ ପ୍ରତିବାସୀମାନଙ୍କ ସହିତ କିପରି ଭାବେ ବ୍ୟବହାର କରିବା ଆବଶ୍ୟକ ଜାଣି ପାରିଥାଉଁ । ୧,୬୦୦ ବର୍ଷ ସମୟ ପାରିଧିରେ, ଚାଳିଶି ଜଣ ଭକ୍ତମାନଙ୍କ ଦ୍ୱାରା ଏହି ପୁସ୍ତକ ଲିଖିତ । (୨ ତୀମଥି ୩:୧୬,୧୭, ୨ ପିତର ୧:୨୦,୨୧) । ଏହି ପୁସ୍ତକ ଆମ୍ଭମାନଙ୍କ ଜୀବନ ନିମନ୍ତେ ପଥ ପ୍ରଦର୍ଶକ । ଏହି ପୁସ୍ତକ ୬୬ ପୁସ୍ତକ ଗୁଡ଼ିକ ଦ୍ୱାରା ଗଠିତ । ପୁରାତନ ନିୟମ ଓ ନୂତନ ନିୟମ ରୂପେ ବିଭାଜିତ ।

ସୃଷ୍ଟିର ୨,୫୦୦ ବର୍ଷ ପରେ ସଦାପ୍ରଭୁ ବାଇବଲର ପ୍ରଥମ ପାଞ୍ଚ ପୁସ୍ତକ ଲେଖିବା ନିମନ୍ତେ ନିଃଶ୍ୱସିତ କରିଥିଲେ । ଏହି ପୁସ୍ତକ ଗୁଡ଼ିକର ପ୍ରଥମ ପୁସ୍ତକ 'ଆଦି ପୁସ୍ତକ'ରେ ସମସ୍ତ ବିଶ୍ୱର ସୃଷ୍ଟିର ଇତିହାସ ପଢ଼ିପାରିଥାଉଁ । (ଆଦି ୧:୩) । ସଦାପ୍ରଭୁଙ୍କ ସୃଷ୍ଟି ପ୍ରଥମ ମନୁଷ୍ୟଙ୍କ ନାମ "ଆଦମ" ଓ ସ୍ତ୍ରୀଙ୍କ ନାମ ହବା । ଆମ୍ଭେମାନେ ପ୍ରତ୍ୟେକ ମନୁଷ୍ୟ ଏହି ପ୍ରଥମ ଦମ୍ପତିର ବଂଶଧର ।

ବାଇବଲର ପ୍ରଥମ ଭାଗ 'ପୁରାତନ ନିୟମ', ଯାହା ୩୯ ପୁସ୍ତକ ଗୁଡ଼ିକ ଦ୍ୱାରା ଗଠିତ । ଏଥିରେ 'କୂଳପତି'ମାନଙ୍କ ଯୁଗର ବିବରଣ ଓ ଯିହୂଦୀ ଧର୍ମର ଇତିହାସ ଲିଖିତ ହୋଇଅଛି । ନୂତନ ନିୟମ ୨୭ ପୁସ୍ତକ ଗୁଡ଼ିକ ଦ୍ୱାରା ଗଠିତ । ଏଥିରେ ଯିହୂଦୀ ଧର୍ମ ସମୟ ଠାରୁ ଖ୍ରୀଷ୍ଟଧର୍ମ ସମୟ ପର୍ଯ୍ୟନ୍ତର ବିବରଣ ବର୍ଣ୍ଣନା କରାଯାଇଅଛି । ଏହି

ନୂତନ-ନିୟମର ନିୟମାବଳୀ ପ୍ରତ୍ୟେକ ମନୁଷ୍ୟ ପାଳନ କରିବା ଆବଶ୍ୟକ । ଏହା କେବଳ ନୁହେଁ, ସମସ୍ତ ଆଶୀଷ, ପ୍ରତିଜ୍ଞା ଏହି ବାକ୍ୟ ପାଳନରେ ଆମ୍ଭେମାନେ ପାଇଥାଉଁ । (ଯୋହନ ୧୦:୧୦, ଏଫିସୀ ୧:୩) ।

ଆଜି ଜଗତରେ ପ୍ରଚଳିତ ପ୍ରତ୍ୟେକ ଧର୍ମ, ଈଶ୍ୱରଙ୍କ ଦତ୍ତଧର୍ମ ତତ୍ପରେ ଉଦ୍ଭାବିତ ହୋଇଥିଲା । ଖ୍ରୀଷ୍ଟଧର୍ମ ଏକମାତ୍ର ଧର୍ମ, ଯାହା ଈଶ୍ୱରଙ୍କ ଦତ୍ତ ଅଟେ । ଅନ୍ୟାନ୍ୟ ଧର୍ମନୀତି ସଦାପ୍ରଭୁଙ୍କ ଦତ୍ତ ନୁହେଁ, କିଅବା ଏବେ ପ୍ରଚଳନରେ ନାହିଁ । ଏହି ଧର୍ମନୀତି ଗୁଡ଼ିକ ମନୁଷ୍ୟମାନଙ୍କ ସ୍ୱନୀତି । (ରୋମୀୟ ୭;୧-୭; ୨କରିନ୍ଥୀ ୩:୧୧; ଏଫିସୀ ୨:୧୪-୧୬, କଲସୀ ୨:୧୪, ଏବ୍ରୀ ୮:୬-୧୩; ୧୦:୯) । ନୂତନ ନିୟମରେ ବର୍ଣ୍ଣିତ ଏକମାତ୍ର ଧର୍ମ ଯାହା ଆଜିର ଜଗତରେ ପ୍ରଚଳିତ ଅଛି । ଏହି ଧର୍ମାବଳୀର ଅବାଧମାନେ ପ୍ରତ୍ୟେକ ବିନଷ୍ଟ ହେବେ । (ମାଥିଉ ୧୫:୧୩) ।

## କୁଳପତି ଯୁଗର ଧାର୍ମିକ ବ୍ୟବସ୍ଥା : (Patriachy)

"Patriachy" ପଦର ଅର୍ଥ କୂଳପତିମାନଙ୍କ ପାଳନ । ଏହି ବ୍ୟବସ୍ଥା ସଦାପ୍ରଭୁ ସର୍ବପ୍ରଥମେ ମନୁଷ୍ୟମାନଙ୍କୁ ଦେଇଥିଲେ ସଦାପ୍ରଭୁ ପରିବାର ମୁଖ୍ୟଙ୍କ ସହ କଥାବାର୍ତ୍ତା କରୁଥିଲେ । ପରିବାରର ମୁଖ୍ୟ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ତଥା ଅନ୍ୟ ପରିବାରମାନଙ୍କୁ, ସଦାପ୍ରଭୁଙ୍କ ବାର୍ତ୍ତା ଜଣାଉଥିଲେ । ଆଦି ପୁରୁଷ, ଆଦମ, ନୋହ ଓ ଅବ୍ରାହାମ ଏହି ବ୍ୟହସ୍ଥାର ମୁଖ୍ୟ ବ୍ୟକ୍ତିଗଣ । ଏହି ପାରିବାରିକ ସମ୍ବନ୍ଧୀୟ ଧାର୍ମିକ ବ୍ୟବସ୍ଥା ପ୍ରାୟ ୨,୫୦୦ ବର୍ଷ ପ୍ରଚଳନରେ ଥିଲା । ତତ୍ପରେ ସଦାପ୍ରଭୁ ଈଶ୍ରାଏଲ ଜାତିକୁ ଏକ ବ୍ୟବସ୍ଥା ଦେଇଥିଲେ । ଯାହା ଆମ୍ଭେମାନେ "ମୋଶାଙ୍କ ବ୍ୟବସ୍ଥା" ରୂପେ ଜାଣୁ ।

ଏହି ସମୟାନୁସାରେ ପରମେଶ୍ୱରଙ୍କ ଆରାଧନା ପଦ୍ଧତିରେ ପଶୁବଳି ଅନ୍ତର୍ଭୁକ୍ତ ଥିଲା । ସଦାପ୍ରଭୁ ପ୍ରଥମେ ଏକ ପଶୁ ହତ୍ୟାକରି, ନଗ୍ନ ଆଦମ ଓ ହବାକୁ ବସ୍ତ୍ର ପରିଧାନ କରିଥିଲେ । (ଆଦି,୩:୨୧) । ଆମ୍ଭମାନଙ୍କ ଆଦି ପିତାମାତା ନଗ୍ନ, ସରଳ ଓ ଅନେକ ବିଷୟରେ ଅଜ୍ଞ ଥିଲେ । ସରଳ ଆଦି ପିତାମାତାଙ୍କ ସଦାପ୍ରଭୁଙ୍କ ଆଜ୍ଞା ଅବଜ୍ଞା କରିବାର ପ୍ରତିଫଳ ବିଷୟରେ ସେମାନଙ୍କ ସଂପୂର୍ଣ୍ଣବୋଧ ନ ଥିଲା । ସ୍ପର୍ଶ କରିବାକୁ ନିଷେଧତି ଫଳ, ସେମାନେ ଖାଇ, ସଦାପ୍ରଭୁଙ୍କ ଆଜ୍ଞା ଲଙ୍ଘନ କରି ପାପ କରିଥିଲେ । (ଆଦି ୨:୧୬, ୧୭; ୩:୩) ଓ (୧ ଯୋହନ ୩:୪) ସଦାପ୍ରଭୁଙ୍କ ଆଜ୍ଞାଲଙ୍ଘନ କରି, ପାପରେ ପତିତ ଆଦି ପିତା ମାତାମାନେ ସେମାନଙ୍କ ନଗ୍ନତାର ବୋଧ ପାଇଲେ ।

ଆଦମଙ୍କ ସମୟଠାରୁ ସଦାପ୍ରଭୁଙ୍କ ଆରାଧନା କରିବା ଆରମ୍ଭ ହେଲା ।

ସଦାପ୍ରଭୁଙ୍କ ଆରାଧନାରେ ପଶୁବଳି ଅନ୍ତର୍ଭୁକ୍ତ ଥିଲା । ପଶୁବଳି ଦ୍ୱାରା ସଂପୂର୍ଣ୍ଣ ସିଦ୍ଧି ପ୍ରାପ୍ତ ନ ହୋଇ, ତାହା ସଦାପ୍ରଭୁଙ୍କ କ୍ରୋଧ ଓ ମନୁଷ୍ୟ ମଧ୍ୟରେ ପ୍ରାଚୀର ରୂପେ ଛିଡ଼ା ହେଉଥିଲା । (ଏବ୍ରୀ ୧୦:୪, ଯିଶାଇୟ ୫୯:୧-୨) । ସଦାପ୍ରଭୁଙ୍କ ଅଦ୍ୱିତୀୟ ପୁତ୍ରଙ୍କ ବଳିର ଛାୟା ସ୍ୱରୂପ ଦିଆଯାଇଥିଲା । (ଏଫିସୀ ୫:୨, ଏବ୍ରୀ ୯:୨୬, ୧୦:୧୧-୧୨ ଏବଂ ୧ମ ଯୋହନ ୩:୫) ।

## ଯିହୂଦୀ ଧର୍ମ :

ଅବ୍ରାହାମ, ଇସ୍‌ହାକ, ଯାକୁବଙ୍କ ବଂଶଧର ମୋଶା ଓ ଲେବୀମାନେ ୩,୫୦୦ ବର୍ଷ ପୂର୍ବେ ସଦାପ୍ରଭୁଙ୍କ ଦତ୍ତ ଯିହୂଦୀ-ଧର୍ମର ଆରମ୍ଭ କରିଥିଲେ । ଯାକୁବ ଅଥବା ଈଶ୍ରାଏଲଙ୍କ ପରିବାର ଏକ ଗୋଷ୍ଠୀରୂପେ ଅଭିବୃଦ୍ଧି ପାଇଥିଲେ । ଯିହୂଦୀଧର୍ମ ସୀନୟ ପର୍ବତ ପ୍ରାନ୍ତରରେ (ଯାହା ରକ୍ତ ସମୁଦ୍ରର ପୂର୍ବ ଭାଗରେ ଅବସ୍ଥିତ) ଆରମ୍ଭ ହୋଇଥିଲା । Patriachy- ପରିବାର ସାମନ୍ଧିକ ଧର୍ମ କିନ୍ତୁ Judaism ଏକ ଜାତୀୟ ଧର୍ମ । ଏହି ଧର୍ମାବଲମ୍ବୀମାନେ ଈଶ୍ରାଏଲୀୟ କିଅବା ଯିହୂଦୀୟ ନାମରେ ପରିଚିତ ।

ଯିହୂଦୀୟ ଧର୍ମବଳୀରେ ମଧ୍ୟ ପଶୁବଳି ଅନ୍ତର୍ଭୁକ୍ତ ଥିଲା । ଯାହାକି ମନୁଷ୍ୟମାନଙ୍କ ପାପ ସଂପୂର୍ଣ୍ଣ ରୂପେ ମୋଚନ କରି ପାରି ନ ଥିଲା । କିନ୍ତୁ ଏହି ପଶୁବଳି, ସଦାପ୍ରଭୁଙ୍କ ଅଦ୍ୱିତୀୟ ପୁତ୍ରଙ୍କ ବଳିର ଛାୟା ମାତ୍ର । (ଏବ୍ରୀ ୯:୨୨-୨୪) । ସଦାପ୍ରଭୁଙ୍କ ଦତ୍ତ ଖ୍ରୀଷ୍ଟଧର୍ମର ସ୍ଥାପନର ୧୫୦୦ ବର୍ଷ, ପୂର୍ବେ ଏହି ଧର୍ମ ସ୍ଥାପିତ ହୋଇଥିଲା । କୁଳପତିଙ୍କ ସମୟର ଓ ଯିହୂଦୀଧର୍ମର ଇତିହାସ ବାଇବଲର ପ୍ରଥମ ୩୯ ପୁସ୍ତକରେ ଲିଖିତ ହୋଇଅଛି । ଯାହା ଆମ୍ଭେମାନେ ପୁରାତନ ନିୟମ ନାମରେ ଜାଣୁ ।

## ଖ୍ରୀଷ୍ଟଧର୍ମ :-

ଖ୍ରୀଷ୍ଟଧର୍ମ ଓ ଖ୍ରୀଷ୍ଟଙ୍କ କ୍ରୁଶୀୟ ମୃତ୍ୟୁ ମନୁଷ୍ୟ ସମାଜର ସଂପୂର୍ଣ୍ଣ ପାପମୋଚନ କରେ । ଐଶ୍ୱରିକତ୍ୱ (Godhead) ର ଦ୍ୱିତୀୟ ବ୍ୟକ୍ତିତ୍ୱ ଯୀଶୁଖ୍ରୀଷ୍ଟ, ୨୦୦୦ ବର୍ଷପୂର୍ବେ ଏହି ଜଗତରେ ଏକ କନ୍ୟାଙ୍କ ଗର୍ଭରୁ ବେଥଲିହିମରେ ଜନ୍ମଗ୍ରହଣ କରିଥିଲେ । ବେଥଲିହିମ, ଯିରୁଶାଲମରୁ ପାଞ୍ଚ ମାଇଲ ଦକ୍ଷିଣରେ ଅବସ୍ଥିତ । (ଯିଶାୟ ୭:୧୪, ମାଥିଉ ୧:୧୮-୨) । ସୃଷ୍ଟିକର୍ତ୍ତା, ଆପେ ଶରୀରଧାରଣ କରି ଏହି ଜଗତକୁ ଆସିଥିଲେ । ନୂତନ ନିୟମ ପ୍ରଥମ ଚାରି ପୁସ୍ତକରେ, ଜଗତରେ ଯୀଶୁଙ୍କ ଜୀବନ କାହାଣୀ ପଢ଼ିଥାଉଁ । (ଯୋହନ ୧:୧୪; ୧ମ ତୀମଥି ୩:୧୬) ।

ଯୀଶୁଖ୍ରୀଷ୍ଟ ତିରିଶି ବର୍ଷ ବୟସରେ ତାହାଙ୍କ ସୁସମାଚାର ପ୍ରଚାର ଆରମ୍ଭ କରିଥିଲେ । ତିନି ବର୍ଷପରେ ସେ ଦୃଷ୍ଟ ଯିହୂଦୀ ନେତା ଓ ରୋମୀୟ ଆଧିପତ୍ୟରେ ଆପଣାକୁ ହସ୍ତଗତ

କରି କ୍ରୁଶୀୟ ମୃତ୍ୟୁ ଭୋଗିଲେ । ଏତଦ୍ୱାରା ସେ ସିଦ୍ଧି ଓ ପବିତ୍ର ବଳିରୂପେ ସେ ଆପଣାକୁ ଅର୍ପଣ କରିଥିଲେ । (ଏବ୍ରୀ ୧୦:୧୦) । ପଶୁବଳି ଦ୍ୱାରା ଯାହା ସାଧ୍ୟ ହୋଇ ପାରି ନ ଥିଲା । ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ସାଧ୍ୟ ହୋଇଅଛି । (ଏବ୍ରୀ ୧୦:୧-୪) । ତୃତୀୟ ଦିନରେ ସେ ମୃତ୍ୟୁକୁ ଜୟ କରି ପୁନଃଜୀବିତ ହେଲେ । (୧ମ କରିନ୍ଥୀ ୧୫:୧-୩) । ଚାଳିଶି ଦିନ ପର୍ଯ୍ୟନ୍ତ ଆପଣା ଶିଷ୍ୟମାନଙ୍କୁ ଉତ୍ସାହିତ କରି ପୁନଃର୍ବାର ପିତା ପରମେଶ୍ୱରଙ୍କ ନିକଟ ଆରୋହଣ କଲେ । (ପ୍ରେରିତ ୧:୩ ଓ ଲୂକ ୨୪:୫୧) ।

"ସେ ଏହି ସମସ୍ତ କଥା କହିବା ଉତ୍ତାରେ ସେମାନେ ଦେଖୁ ଦେଖୁ ସେ ଉର୍ଦ୍ଧ୍ୱକୁ ସବୁ ନୀତ ହେଲେ , ଆଉ ଖଣ୍ଡେ ମେଘ ତାହାଙ୍କୁ ସେମାନଙ୍କ ଦୃଷ୍ଟିଗୋଚରକୁ ଘେନିଗଲା । ସେ ଯାଉ ଯାଉ ସେମାନେ ଆକାଶ ଆଡ଼କୁ ଏକ ଦୃଷ୍ଟିରେ ଚାହିଁଅଛନ୍ତି, ଏପରି ସମୟରେ ଦେଖ ଶୁକ୍ଳବସ୍ତ୍ର ପରିହିତ ଦୁଇଜଣ ପୁରୁଷ ସେମାନଙ୍କ ନିକଟକୁ ଉପସ୍ଥିତ ହେଲେ । ପୁଣି ସେମାନେ କହିଲେ, ହେ ଗାଲିଲୀୟ ଲୋକେ କାହିଁକି ତୁମ୍ଭେମାନେ ଆକାଶ ଆଡ଼କୁ ଚାହିଁ ଠିଆ ହୋଇଅଛ ?ଏହି ଯେଉଁ ଯୀଶୁ ତୁମ୍ଭମାନଙ୍କ ନିକଟରୁ ସ୍ୱର୍ଗରେ ଗୃହୀତ ହେଲେ, ତାହାଙ୍କୁ ତୁମ୍ଭେମାନେ ଯେଉଁ ପ୍ରକାରେ ସ୍ୱର୍ଗକୁ ଯିବାର ଦେଖିଲ, ସେ ସେହି ପ୍ରକାରେ ଆଗମନ କରିବେ ।" (ପ୍ରେରିତ ୧:୯-୧୧) ।

## ଆରାଧନା :-

ପ୍ରାୟ ଦୁଇ ହଜାର ବର୍ଷରୁ ସଦାପ୍ରଭୁଙ୍କ ଦତ୍ତ ଖ୍ରୀଷ୍ଟଧର୍ମ ଅମଳରେ ଅଛି । ପବିତ୍ର ଓ ସିଦ୍ଧ ବଳି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବଳିଦାନ ପରେ, ଆଉ ପଶୁବଳିର ଆବଶ୍ୟକତା ନାହିଁ । ନୂତନ ନିୟମର ପ୍ରଥାନୁଯାୟୀ ସଦାପ୍ରଭୁଙ୍କ ନିର୍ଣ୍ଣିତ ଦିନ ସପ୍ତାହର ପ୍ରଥମ ଦିନରେ ଖ୍ରୀଷ୍ଟିୟାନମାନେ ସଦାପ୍ରଭୁଙ୍କ ଆରାଧନା କରନ୍ତି । (ପ୍ରେରିତ ୨୦:୭; ୧ମ କରନ୍ଥୀ ୧୬:୧-୨) । ଏହି ଆରାଧନାରେ ପାଞ୍ଚ ଅଂଶ ଅନ୍ତର୍ଭୁକ୍ତ ଅଟେ । ୧) ଆଧାତ୍ମିକ ଗୀତ ଗାୟନ, (ଏଫିସୀ ୫:୧୯, କଲସୀ ୩:୧୬)। ୨) ବାକ୍ୟଧ୍ୟାନ (ପ୍ରେରିତ ୨୦:୭) । ୩) ଖ୍ରୀଷ୍ଟଙ୍କ ଶରୀର ସାଦୃଶ୍ୟ ରୋଟୀ ଓ ରକ୍ତ ସାଦୃଶ୍ୟରେ ଦ୍ରାକ୍ଷାରସ ଗ୍ରହଣ କରି ପ୍ରଭୁଭୋଜ ପାଳନ (୧ମ କରିନ୍ଥୀ ୧୧:୨୩-୨୯) । ୪) ପ୍ରାର୍ଥନା (୧ମ କରିନ୍ଥୀ ୧୪:୧୫) ଏବଂ ୫) ଆପଣା ଆପଣା ଅଭିବୃଦ୍ଧି ଅନୁଯାୟୀ ଚାନ୍ଦା ଦାନ (୧ମ କରିନ୍ଥୀ ୧୬:୧-୨) । ପ୍ରତ୍ୟେକ ଖ୍ରୀଷ୍ଟୀୟ ଆରାଧନାରେ ଏହି ପଦ୍ଧତି ପାଳନ କରାଯାଏ ।

## ପରିତ୍ରାଣ :-

ପାପମୋଚନ ଓ ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଅନନ୍ତ ଜୀବନର ପ୍ରତିଜ୍ଞା ନୂତନ ନିୟମରେ ପରିତ୍ରାଣ ବିଷୟରେ ଶିକ୍ଷା ଦିଏ । ନୂତନ ନିୟମରେ ବ୍ୟକ୍ତ ପରମେଶ୍ୱରଙ୍କ

ଇଚ୍ଛା ତାହା ପଢ଼ିବା ବା ଶୁଣିବା ଦ୍ୱାରା ଜ୍ଞାତ ହୋଇଥାଉଁ । ନୂତନ ନିୟମରେ ବ୍ୟକ୍ତ ପରମେଶ୍ୱରଙ୍କ ନିଶ୍ୱସିତ ବାକ୍ୟ ଦ୍ୱାରା ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ବିଶ୍ୱାସ କରିଥାଉଁ । (ରୋମୀୟ ୧୦:୧୭ ଓ ଯୋହନ ୮:୨୪) । ଯେଉଁ ପାପ ଆମ୍ଭମାନଙ୍କୁ ସଦାପ୍ରଭୁଙ୍କ ଠାରୁ ବିଚ୍ଛିନ୍ନ କରିଥାଏ, ସେ ଜୀବନରୁ ବିମୁଖ ହୋଇ ଈଶ୍ୱରଙ୍କ ଆଜ୍ଞା ପାଳନ କରିବାକୁ ନିର୍ଣ୍ଣୟ କରିବା ହିଁ ମନପରିବର୍ତ୍ତନ । (ଲୂକ ୧୩:୩ ଓ ରୋମୀୟ ୬:୧୭) । ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ବିଶ୍ୱାସ କରି, କୂଶ ଦେଶୀୟ ନଂପୁସକ ସଦୃଶ୍ୟ ମନୁଷ୍ୟମାନଙ୍କ ସମ୍ମୁଖରେ ସ୍ୱୀକାର କରିବା ଆବଶ୍ୟକ । (ପ୍ରେରିତ ୮:୩୭) । ଏହିପରି ଭାବେ ପରମେଶ୍ୱରଙ୍କ ଆଜ୍ଞାପାଳନକାରୀମାନେ ତାହାଙ୍କ ଆଜ୍ଞାନୁଯାୟୀ ଜଳରେ ଡୁବିତ ହୋଇ ବାପ୍ତିସ୍ମ ନେବା ଆବଶ୍ୟକ । (ମାର୍କ ୧୬:୧୬, ପ୍ରେରିତ ୨:୩୮; ରୋମୀୟ ୬:୩-୫, କଲସୀ ୨:୧୨) । ବାପ୍ତିଜିତ ହୋଇ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ କଲେ, ଅନନ୍ତଜୀବନ ମୁକୁଟ ପ୍ରାପ୍ତ ହେବୁ । ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନେ ପାପ କଲେ, ମନପରିର୍ତ୍ତନ ଓ ପ୍ରାର୍ଥନା ଦ୍ୱାରା ପାପକ୍ଷମା ପାଇପାରନ୍ତି । (ପ୍ରେରିତ ୮:୨୨ ଓ ୧ମ ଯୋହନ ୧:୯) ।

## ଖ୍ରୀଷ୍ଟୀୟ ଜୀବନ :

ପିତାମାତା ଭାବେ, ସନ୍ତାନ ସନ୍ତତି ଭାବେ, ସ୍ୱାମୀ ଭାବେ, ସ୍ତ୍ରୀ ଭାବେ, ଏକ ନାଗରିକ ଭାବେ ଖ୍ରୀଷ୍ଟିୟାନମାନେ କିପରି ବ୍ୟବହାର କରିବା ଆବଶ୍ୟକ । ଈଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କୁ ସରଳଭାବେ ବୁଝାଇ ଦିଏ । (ଏଫିସୀ ୬:୪-୧, ରୋମୀୟ ୧୩:୧-୭, ତିତସ ୩:୧; ୧ମ ପିତର ୨:୧୭) । ପ୍ରତ୍ୟେକ ଦେଶବାସୀ, ଭାଷାବାଣୀ ପ୍ରତ୍ୟେକ ନିମନ୍ତେ ପରମେଶ୍ୱରଙ୍କ ପ୍ରଦତ୍ତ ନୂତନ ନିୟମରେ ପ୍ରକଟିତ ହୋଇଅଛି ।

ପ୍ରତ୍ୟେକ ବ୍ୟବସ୍ଥା ସମୟରେ ସଦାପ୍ରଭୁ ସ୍ତ୍ରୀ ଓ ପୁରୁଷକୁ ଭିନ୍ନ ଭିନ୍ନ କାର୍ଯ୍ୟ ଦେଇ ଅଛନ୍ତି । (୧ମ ତୀମଥି ୨:୮-୧୫) । ଖ୍ରୀଷ୍ଟଧର୍ମରେ ମଧ୍ୟ ସ୍ତ୍ରୀ ଓ ପୁରୁଷକୁ ଭିନ୍ନ ଭିନ୍ନ କାର୍ଯ୍ୟ ଦେଇ ଅଛନ୍ତି । ତଦ୍‌ଭିନ୍ନ ଖ୍ରୀଷ୍ଟିୟାନମାନଙ୍କୁ ଶୁଦ୍ଧ (ତିତସ ୨:୧୨). ସାଧୁ (ରୋମୀୟ ୧୨:୧୭, ୧ କରିନ୍ଥୀ ୮:୨୧, ୧ମ ପିତର ୨:୧୨), ଦାନଶୀଳ, ପରିଶ୍ରମୀ, (ଏଫିସୀ ୪:୨୮, କଲସୀ ୩:୨୨-୨୪) ଏବଂ ଆଜ୍ଞାବହ ନାଗରିକ ହେବାକୁ ନୂତନ ନିୟମ ଶିକ୍ଷା ଦିଏ । ନୂତନ ନିୟମରେ ନିର୍ଦ୍ଦେଶିତ ନିୟମାବଳୀ ସର୍ବଶ୍ରେଷ୍ଠ । ତାହା ମନୁଷ୍ୟକୁ ଏକ ଉତ୍ତମ ମାନବ ରୂପେ ଗଢ଼େ, ଅନନ୍ତଜୀବନର କର୍ତ୍ତା ପିତା ପରମେଶ୍ୱରଙ୍କ ସହ ସଦାକାଳ ନିବାସ କରିବାରେ ପ୍ରସ୍ତୁତ କରେ ।

## ଖ୍ରୀଷ୍ଟୀୟ ପରିଚର୍ଯ୍ୟା :

ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନେ ଆନନ୍ଦରେ ଯୀଶୁଖ୍ରୀଷ୍ଟଙ୍କ ପୁନଃଉତ୍ଥିତ ପରିଚର୍ଯ୍ୟା କରନ୍ତି । ଏଥି ସଙ୍ଗେ ସଙ୍ଗେ ଆମ୍ଭେମାନେ ପିତା ପରମେଶ୍ୱରଙ୍କ ଓ ପବିତ୍ର ଆତ୍ମାଙ୍କ ପରିଚର୍ଯ୍ୟା କରୁ । ନୂତନ ନିୟମରେ ବ୍ୟକ୍ତ ପରମେଶ୍ୱରଙ୍କ ଇଚ୍ଛାନୁଯାୟୀ ପରିଚର୍ଯ୍ୟା ପରମେଶ୍ୱରଙ୍କ ଗ୍ରାହ୍ୟ । ଖ୍ରୀଷ୍ଟିୟାନ ଓ ଅଣ-ଖ୍ରୀଷ୍ଟିୟାନମାନଙ୍କ ଆବଶ୍ୟକତା ବା ପୂରଣ କରିବ । (୨ କରିନ୍ଥୀ ୯:୧୩, ଗାଲାତି ୬:୧୦) । ସେମାନଙ୍କୁ ଶିକ୍ଷା ଦେବା ଉତ୍ସାହିତ କରିବା (୨ତୀମଥି ୨:୨; ୧ମ କରିନ୍ଥୀ ୧୪:୧୨) । ଖ୍ରୀଷ୍ଟଙ୍କ ସୁସମାଚାର ଅନ୍ୟମାନଙ୍କ ନିକଟରେ ଜଣାଇବା ସର୍ବଶ୍ରେଷ୍ଠ ପରିଚର୍ଯ୍ୟା (ମାଥିଉ ୨୮:୧୯,୨୦ ଓ ମାର୍କ ୧୬:୧୫-୧୬) । ଖ୍ରୀଷ୍ଟଙ୍କ ସୁସମାଚାର ଅର୍ଥାତ୍ ତାହାଙ୍କ ମୃତ୍ୟୁ ସମାଧି, ପୁନଃରୁତ୍ଥାନ ଓ ପରିତ୍ରାଣ କର୍ତ୍ତାଙ୍କ ସ୍ୱର୍ଗାରୋହଣର ବାର୍ତ୍ତା ।

ନୂତନ ନିୟମରେ ଯୀଶୁଖ୍ରୀଷ୍ଟ ଓ ତାହାଙ୍କ ଶିଷ୍ୟମାନଙ୍କ ଦ୍ୱାରା ଲିଖିତ ନିୟମାବଳୀ ଅବଲମ୍ବନ କଲେ ଆମ୍ଭେମାନେ ପାପକ୍ଷମା ଓ ଅନନ୍ତ ଜୀବନରେ ଭରସା ପାଇଥାଉଁ । ପୁରାତନ ନିୟମର ଭକ୍ତଗଣ ତଥା ନୂତନ ନିୟମର ଖ୍ରୀଷ୍ଟିୟାନମାନଙ୍କ ଲକ୍ଷ୍ୟ ଏକ-ସ୍ୱର୍ଗସ୍ଥ ପିତାଙ୍କ ସହ ଅନନ୍ତ ଜୀବନଯାପନ କରିବା ।

## ଖ୍ରୀଷ୍ଟୀୟ ସିଦ୍ଧାନ୍ତ :

ଖ୍ରୀଷ୍ଟୀୟ ଜୀବନ, ଖ୍ରୀଷ୍ଟୀୟ ପରିଚର୍ଯ୍ୟା ସଙ୍ଗେ ସଙ୍ଗେ ଖ୍ରୀଷ୍ଟୀୟ ସିଦ୍ଧାନ୍ତ ବିଷୟରେ ନୂତନ ନିୟମରେ ବର୍ଣ୍ଣିତ ହୋଇଅଛି । ନୂତନ ନିୟମରେ ଯାହା କିଛି ଲିଖିତ ହୋଇଅଛି । ତାହା ଆମ୍ଭେମାନେ ନିଶ୍ଚିତଭାବେ ଆଜ୍ଞାବହ ହେବା ଆବଶ୍ୟକ । ଏତଦ୍ୱାରା ଏ ଜଗତରେ ଆମ୍ଭମାନଙ୍କ ଜୀବନ ସୁଖମୟ ହେବା ସଙ୍ଗେ ସଙ୍ଗେ ଅନ୍ତିମ ବିଚାର ଦିନ ନିମନ୍ତେ ଆମ୍ଭେମାନେ ପ୍ରସ୍ତୁତ ହୋଇପାରୁ । "ପୁଣି ପୁତ୍ର, ହେଲେ ହେଁ ଦୁଃଖଭୋଗ ଦ୍ୱାରା ଆଜ୍ଞାବହ ଶିକ୍ଷା କଲେ , ପୁଣି ସିଦ୍ଧ ହୋଇ ନିଜ ଆଜ୍ଞାବହକାରୀମାନଙ୍କ ନିମନ୍ତେ ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ ।" (ଏବ୍ରୀ ୫:୮-୯) ।

ଆଜ୍ଞାବହତା ଓ ସିଦ୍ଧତା ଏକ ନୁହେଁ । କିନ୍ତୁ ସଦାପ୍ରଭୁଙ୍କ ବାକ୍ୟ ପାଳନକାରୀମାନଙ୍କ ଆସକ୍ତମୟ ଜୀବନରେ ତାହାଙ୍କ ଐଶ୍ୱରିକ କୃପା କାର୍ଯ୍ୟ କରିଥାଏ । (ଏଫିସୀ ୨:୮ ଓ ତିତସ ୩:୮) । ଆମ୍ଭମାନଙ୍କ ଦୁର୍ବଳତାରେ ସେ ସାହାଯ୍ୟ କରି ଆମ୍ଭମାନଙ୍କ ଆବଶ୍ୟକତା ପୂରଣ କରନ୍ତି । ପରମେଶ୍ୱରଙ୍କ ସନ୍ତାନମାନଙ୍କ ନିମନ୍ତେ ସଞ୍ଚିତ ଆଶୀଷ ସକଳ ଏପରି ଭାବେ ଆମ୍ଭେମାନେ ପ୍ରାପ୍ତ ହୋଇଥାଉଁ । (୧ମ ଯୋହନ ୧୪:୧-୩) ।

**ପ୍ରମାଣ :**

ସଦାପ୍ରଭୁଙ୍କ ଅସ୍ତିତ୍ୱ ବିଷୟରେ ଆମ୍ଭମାନଙ୍କ ନିକଟରେ ଦୁଇଟି ପ୍ରମାଣ ବା ସାକ୍ଷ୍ୟ ଅଛି । ତାହାଙ୍କ ଦ୍ୱାରା ସୃଷ୍ଟି ଏହି ବିଶ୍ୱ ସେହି ମହାନ ସୃଷ୍ଟିକର୍ତ୍ତାଙ୍କ ସାକ୍ଷ୍ୟ ଦିଏ । ଈଶ୍ୱରଙ୍କ ବାକ୍ୟ ବାଇବଲ, ଯାହା ଦ୍ୱାରା ଆମ୍ଭେମାନେ ଜୀବନଯାପନ କରୁ, ପରିଚର୍ଯ୍ୟା କରୁ, ଆରାଧନା କରୁ–ଏହି ପବିତ୍ର ପୁସ୍ତକ ପରମେଶ୍ୱରଙ୍କ ଅସ୍ତିତ୍ୱର ସାକ୍ଷୀ ।

ପବିତ୍ର ପୁସ୍ତକ ବାଇବଲରେ ଲିଖିତ ଅନେକ ଘଟଣାବଳୀ, ଅନେକ ବର୍ଷପୂର୍ବେ ଭାବବାଣୀ ଦ୍ୱାରା ପ୍ରକଟ ହୋଇଥିଲା । ଉଦାହରଣ ସ୍ୱରୂପ :- ଈଶ୍ୱରଙ୍କ ପୁତ୍ର ଦ୍ୱାରା ସ୍ଥାପିତ ସ୍ୱର୍ଗରାଜ୍ୟ ସ୍ଥାପିତ ହେବାର ୬୦୦ (ଦାନିୟେଲ ୨:୩-୪୫) ଓ ୭୦୦ ବର୍ଷପୂର୍ବେ (ଯିଶାଇୟ ୨:୨-୩) ପ୍ରକଟିତ ହୋଇଥିଲା । ଯୀଶୁଖ୍ରୀଷ୍ଟଙ୍କ ଜୀବନ ବିଷୟରୂପେ ୩୩ର ଭାବବାଣୀ ୭୦୦ ବର୍ଷପୂର୍ବେ ପ୍ରକଟିତ ହୋଇଥିଲା । (ଯିଶାଇୟ ୭:୧୪) । ଜଗତର ଅନ୍ୟ କୌଣସି ବିଷୟରେ ଏପରି ଭାବବାଣୀ ପ୍ରକଟିତ ହୋଇନାହିଁ, କିଅବା ସଫଳ ହୋଇନାହିଁ, କାରଣ ବାଇବଲ ବାକ୍ୟ ଈଶ୍ୱର ନିଃଶ୍ୱସିତ ଅଟେ । ଯେଉଁ ପୁସ୍ତକ ଈଶ୍ୱର ଦତ୍ତ ଅଟେ, ସେହି ପୁସ୍ତକ ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରମାଣିତ କରେ ।

ମହାନ ପରମେଶ୍ୱରଙ୍କ ଦତ୍ତ ମହାନ ପୁସ୍ତକରେ ପରିତ୍ରାଣ, ଆରାଧନା, ଖ୍ରୀଷ୍ଟୀୟ ଜୀବନ ଯାପନଯାପନ, ଖ୍ରୀଷ୍ଟୀୟ ପରିଚର୍ଯ୍ୟା ଓ ଖ୍ରୀଷ୍ଟୀୟ ସିଦ୍ଧାନ୍ତ ବର୍ଣ୍ଣିତ ହୋଇଅଛି । ବାଇବଲରେ ଲିଖିତ ବାକ୍ୟପାଳନ ଦ୍ୱାରା ଆମ୍ଭେମାନେ, ପରମେଶ୍ୱରଙ୍କ ସଞ୍ଚିତ ଆଶୀଷ ସକଳର ସହଭାଗୀ ହେବା । ଆସ ଆମ୍ଭେମାନେ ତାହାଙ୍କ ଆଜ୍ଞାପାଳନ କରି ପାପକ୍ଷମା ଓ ପରିତ୍ରାଣ ପ୍ରାପ୍ତହେଉ ।

"ଜୀବନ ବୃକ୍ଷର ଅଧିକାରୀ ହେବା ନିମନ୍ତେ ଓ ଦ୍ୱାର ଦେଇ ନଗରୀରେ ପ୍ରବେଶ କରିବା ନିମନ୍ତେ ଯେଉଁମାନେ ଆପଣା ଆପଣା ବସ୍ତ୍ର ଧୌତ କରିଅଛନ୍ତି । ସେମାନେ ଧନ୍ୟ ।" (ପ୍ରକାଶିତ ୨୨:୧୪) ।

***– Louis Rushmore***

❋❋❋

# ଦଶ କନ୍ୟା

## (Ten Virgins)

ଆମ୍ଭମାନଙ୍କ ଜୀବନରେ ଅନେକ ବିଷୟରେ ଆମ୍ଭେମାନେ ପ୍ରସ୍ତୁତ ହୋଇଥାଉଁ । ବିନା ପ୍ରସ୍ତୁତରେ ଆମ୍ଭେମାନେ ଆଶା କରୁଥିବା ଫଳାଫଳ ପାଇବାରେ ବିଫଳ ହୋଇଥାଉ । ଯାତ୍ରୀମାନେ ସୁଖମୟ ଯାତ୍ରା ନିମନ୍ତେ, ଛାତ୍ରମାନେ ଉତ୍ତମ ଫଳାଫଳ ନିମନ୍ତେ, ଯୁବକ ଯୁବତୀମାନେ ବିବାହ ନିମନ୍ତେ, ମାତାମାନେ ନବଜାତ ଶିଶୁ ନିମନ୍ତେ ପ୍ରସ୍ତୁତ ହୁଅନ୍ତି ।

ମନୁଷ୍ୟର ସୃଷ୍ଟି କରିବା ପୂର୍ବେ, ଆମ୍ଭମାନଙ୍କ ସ୍ୱର୍ଗୀୟ ପିତା ମନୁଷ୍ୟର ଆବଶ୍ୟକୀୟ ବିଷୟ ସବୁ ସୃଷ୍ଟି କରିଥିଲେ । ଆଲୋକ, ସୂର୍ଯ୍ୟ ଚନ୍ଦ୍ର, ନକ୍ଷତ୍ର, ଆକାଶର ପକ୍ଷୀ, ସମୁଦ୍ର ମତ୍ସ୍ୟ, ବନପଶୁ ପ୍ରଭୃତି ମନୁଷ୍ୟର ସୃଷ୍ଟିପୂର୍ବେ ସୃଷ୍ଟି ହୋଇଥିଲେ । ସଦାପ୍ରଭୁ ପିତା ପରମେଶ୍ୱର ମନୁଷ୍ୟର ଶାରୀରିକ ଆବଶ୍ୟକତା ସଙ୍ଗେ ସଙ୍ଗେ, ଆତ୍ମାର ରକ୍ଷା ନିମନ୍ତେ ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟଙ୍କୁ ଏହି ଜଗତରେ ପ୍ରେରଣ କରିଥିଲେ ।

ମାଥିଉ ୨୫ତମ ଅଧ୍ୟାୟରେ ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣା ଦ୍ୱିତୀୟ ଆଗମନ ନିମନ୍ତେ ପ୍ରସ୍ତୁତ ହୋଇ ରହିବା ନିମନ୍ତେ ଏହି ଦଶ କନ୍ୟାର ଦୃଷ୍ଟାନ୍ତ କହିଅଛନ୍ତି । ଦଶଜଣ କନ୍ୟାରୁ ୫ଜଣ ସୁବୁଦ୍ଧି କନ୍ୟା । କାରଣ ସେମାନେ ବର ଆଗମନ ନିନ୍ତେ ପ୍ରସ୍ତୁତ ଥିଲେ । ଆଉ ପାଞ୍ଚଜଣ ବୁଦ୍ଧିହୀନ କନ୍ୟା–କାରଣ ସେମାନେ ବରଙ୍କ ଆଗମନ ନିମନ୍ତେ ସୁପ୍ରସ୍ତୁତ ନଥିଲେ । ଯିହୂଦୀୟମାନଙ୍କ ପ୍ରଥାରେ ଯୁବାଯୁବତୀଙ୍କ ବିବାହ ସମ୍ବନ୍ଧ ପିତାମାତାଙ୍କ ଦ୍ୱାରା ସ୍ଥିର ହେଉଥିଲା । କନ୍ୟାଙ୍କ ଗୃହରେ ବାଗଦାନ (Bethodal) ସମ୍ପନ୍ନ ହେଲା ପରେ, ବର ଆପଣା ନଗରକୁ ଫେରି ଯାଇ ନୂତନ ଦମ୍ପତିଙ୍କ ନିମନ୍ତେ ନୂତନ ଗୃହ ନିର୍ମାଣ କରି ଫେରି ଆସି କନ୍ୟାକୁ ବିବାହ କରି ଆପଣା ସହିତ ଘେନି ଯାଉଥିଲା । ବିବାହ ନିମନ୍ତେ କନ୍ୟାଙ୍କ ଗୃହକୁ ଆସିବା ସମୟରେ ଅନେକ କନ୍ୟା, ସେମାନଙ୍କ ସମାରୋହରେ ଯୋଗ ଦେଉଥିଲେ ।

ଶିଷ୍ୟମାନଙ୍କ ଏକ ପ୍ରଶ୍ନର ଉତ୍ତରରେ ଯୀଶୁଖ୍ରୀଷ୍ଟଙ୍କ ଏହି ଦଶକନ୍ୟାର ଦୃଷ୍ଟାନ୍ତ କହିଥିଲେ । ଲେଖାଯାଏ, "ପରେ ସେ ଜୀବ ପର୍ବତ ଉପରେ ବସନ୍ତେ, ଶିଷ୍ୟମାନେ ତାହାଙ୍କ ଛାମୁକୁ ଗୋପନରେ ଆସି ପଚାରିଲେ, ଏସବୁ କେବେ ଘଟିବ, ପୁଣି ଆଗମନ ଓ ଯୁଗାନ୍ତର ଲକ୍ଷଣ କଅଣ, ତାହା ଆମ୍ଭମାନଙ୍କୁ କହନ୍ତୁ ।" (ମାଥିଉ ୨୪:୩) । ଏହି ପଦରେ ଆମ୍ଭମାନେ ଦୁଇଟି ପ୍ରଶ୍ନ ପଢ଼ିଥାଉଁ । ଯୀଶୁ ପ୍ରଥମ ପ୍ରଶ୍ନରେ ଉତ୍ତର ୪ର୍ଥ ପଦରୁ

୨୪ପଦରେ ଲିଖିତ ହୋଇଅଛି । ଶିଷ୍ୟମାନଙ୍କ ଦ୍ୱିତୀୟ ଆଗମନ ବିଷୟକ ପ୍ରଶ୍ନ ୨୭ମ ପଦରୁ ପଢ଼ିଥାଉଁ । ଏହି ପଦମାନଙ୍କରେ ଯୀଶୁଙ୍କ ଦ୍ୱିତୀୟ ଆଗମନ ବିଷୟକ ଅନେକ ଦୃଷ୍ଟାନ୍ତ ପଢ଼ିଥାଉଁ । ଏହି ଦଶକନ୍ୟାର ଦୃଷ୍ଟାନ୍ତ ଅନ୍ୟତମ । "ସେତେବେଳେ ସ୍ୱର୍ଗରାଜ୍ୟ ଦଶଜଣ କନ୍ୟାଙ୍କ ସଦୃଶ୍ୟ ହେବ । ସେମାନେ ଆପଣା ଆପଣା ପ୍ରଦୀପ ଘେନି ବରଙ୍କ ସହିତ ସାକ୍ଷାତ କରିବାକୁ ବାହାରିଗଲେ । ସେମାନଙ୍କ ମଧ୍ୟରୁ ପାଞ୍ଚଜଣ ନିର୍ବୁଦ୍ଧି ଓ ପାଞ୍ଚଜଣ ସୁବୁଦ୍ଧି ଥିଲେ । ନିର୍ବୁଦ୍ଧିମାନେ ପ୍ରଦୀପ ନେଲେ । ସମୟରେ ନିଜ ନିଜ ସହିତ ତୈଳ ନେଲେ ନାହିଁ । ମାତ୍ର ସୁବୁଦ୍ଧିମାନେ ଆପଣା ଆପଣା ପ୍ରଦୀପ ସହିତ ପାତ୍ରରେ ତୈଳ ନେଲେ । ବରଙ୍କ ଆସିବାର ବିଳମ୍ୱ ହୁଅନ୍ତେ, ସମସ୍ତେ ଢୁଳାଇ ଢୁଳାଇ ସୋଇ ପଡ଼ିଲେ । କିନ୍ତୁ ଅର୍ଦ୍ଧ ରାତ୍ରରେ ଏହି ଦେଖ ବର ତାଙ୍କ ସାଙ୍ଗରେ ସାକ୍ଷାତ କରିବାକୁ ବାହାର ଏପରି କୋଳାହଳ ହେଲା । ସେତେବେଳେ ସେହି କନ୍ୟା ସମସ୍ତେ ଉଠି ଆପଣା ଆପଣା ପ୍ରଦୀପ ସଜାଡ଼ିଲେ । କିନ୍ତୁ ନିର୍ବୁଦ୍ଧିମାନେ ସୁବୁଦ୍ଧିମାନଙ୍କୁ କହିଲେ, ତୁମ୍ଭ ଦେହରୁ ଆମକୁ ଟିକେ ଦିଅ । କାରଣ ଆମ ଦ୍ୱୀପ ସବୁ ଲିଭି ଯାଉଅଛି । ମାତ୍ର ସୁବୁଦ୍ଧିମାନେ ଉତ୍ତର ଦେଲେ, ନାହିଁ ନାହିଁ, ତୁମ ଆମ ପାଇଁ ତ ଅଣ୍ଟିବ ନାହିଁ, ବରଂ ଦୋକାନୀମାନଙ୍କ ପାଖକୁ ଯାଇ ଆପଣା ଆପଣା ନିମନ୍ତେ କିଣିଆଣ । କିନ୍ତୁ ସେମାନେ କିଣିବାକୁ ଯାଉଥିବା ସମୟରେ ବର ଆସିଲେ; ପୁଣି ଯେଉଁମାନେ ପ୍ରସ୍ତୁତ ଥିଲେ, ସେମାନେ ତାହାଙ୍କ ସହିତ ବିବାହ ଉତ୍ସବରେ ଯୋଗଦାନ କରିବା ନିମନ୍ତେ ଗୃହରେ ପ୍ରବେଶ କଲେ, ଆଉ ଦ୍ୱାର ବନ୍ଦ କରାଗଲା । ଏଥିଉତ୍ତାରେ ଅନ୍ୟ କନ୍ୟାମାନେ ମଧ୍ୟ ଆସି କହିଲେ, ହେ ପ୍ରଭୁ, ହେ ପ୍ରଭୁ ଆମ ପାଇଁ ଦ୍ୱାର ଫିଟାଇ ଦିଅନ୍ତୁ । କିନ୍ତୁ ସେ ଉତ୍ତର ଦେଲେ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ମୁଁ ତୁମ୍ଭକୁ ଜାଣେ ନାହିଁ । ଅତଏବ ଜାଗ୍ରତ ଥାଅ, କାରଣ ତୁମ୍ଭେମାନେ ସେହି ଦିନ କି ସେହୁ ଦଣ୍ଡ ଜାଣ ନାହିଁ ।" (ମାଥିଉ ୨୫:୧-୨) ।

ଏହି ଦୃଷ୍ଟାନ୍ତରେ ସୁବୁଦ୍ଧି ଓ ନିର୍ବୁଦ୍ଧି କନ୍ୟାମାନଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ଦେଖିବାକୁ ପାଇପାରୁ । ପ୍ରତ୍ୟେକ କନ୍ୟାମାନେ ବିବାହ ଉତ୍ସବରେ ଉପସ୍ଥିତ ହେବା ନିମନ୍ତେ ଆସକ୍ତ ଥିଲେ । ପ୍ରତ୍ୟେକଙ୍କ ହସ୍ତରେ ଦ୍ୱୀପ ଥିଲା । ପ୍ରତ୍ୟେକ ଦୀପ ଅଳ୍ପ ସମୟ ପର୍ଯ୍ୟନ୍ତ ଜଳୁଥିଲା । ପାର୍ଥକ୍ୟ ଥିଲା ନିର୍ବୁଦ୍ଧିମାନଙ୍କ ଦୀପରେ ଶେଷ ପର୍ଯ୍ୟନ୍ତ ଜଳିବା ନିମନ୍ତେ ଯଥେଷ୍ଟ ତେଲ ନଥିଲା ଓ ବର ଆସିବା ସମୟରେ ଯେଉଁମାନଙ୍କ ଦୀପ ଜଳୁଥିଲା ସେମାନଙ୍କୁ ବିବାହ ଭୋଜକୁ ଭିତରେ ନେଇ, କବାଟ ବନ୍ଦ କରିଥିଲେ ।

ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ, ଆମ୍ଭମାନଙ୍କ ସେହି ବର ଅଟନ୍ତି, ଯେ କି ଏହି ଜଗତକୁ ଆସି ଆପଣା କନ୍ୟାରୂପ ମଣ୍ଡଳୀକୁ ଆପଣା ସହିତ ସଦାକାଳ ରହିବା ନିମନ୍ତେ ଆପଣା ସହ ଘେନି ଯିବାକୁ ଆସୁଅଛନ୍ତି, ସେ କହିଲେ, "ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ ନ ହେଉ ତୁମ୍ଭେମାନେ ଈଶ୍ୱରଙ୍କ ଠାରେ ବିଶ୍ୱାସ କର, ମୋ ଠାରେ ମଧ୍ୟ ବିଶ୍ୱାସକର । ମୋହର ପିତାଙ୍କ ଗୃହରେ ଅନେକ ବାସସ୍ଥାନ ଅଛି , ଯଦି ନ ଥାଆନ୍ତା, ତାହାହେଲେ ମୁଁ ତୁମ୍ଭମାନଙ୍କୁ କହି ଥାଆନ୍ତି । ମୁଁ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବାକୁ ଯାଉଅଛି । ପୁଣି, ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କଲେ । ପୁନଃର୍ବାର ଆସିବି, ଆଉ ମୁଁ ଯେଉଁ ସ୍ଥାନରେ ଥାଏ । ତୁମ୍ଭେମାନେ ମଧ୍ୟ ଯେପରି ସେହି ସ୍ଥାନରେ ରହିବ, ସେଥିନିମନ୍ତେ ତୁମ୍ଭମାନଙ୍କୁ ଆପଣା ନିକଟକୁ ଘେନିଯିବି ।" (ଯୋହନ ୧୪:୧-୩) ।

ଆମ୍ଭମାନଙ୍କ ବର, ଯୀଶୁଖ୍ରୀଷ୍ଟଙ୍କ ସହ ସଦାକାଳ ବାସ କରିବା ନିମନ୍ତେ ଆମ୍ଭମାନଙ୍କୁ ଇହଜଗତରେ ପ୍ରସ୍ତୁତ ରହିବାକୁ ହେବ । ତାହାଙ୍କ ଆଗମନ ପର୍ଯ୍ୟନ୍ତ ଆମ୍ଭମାନଙ୍କ ଦୀପରେ ଯଥେଷ୍ଟ ତୈଳ ରହିବା ଆବଶ୍ୟକ । ପ୍ରାର୍ଥନା ଜୀବନ ବିନୁ ଆମ୍ଭମାନଙ୍କ ଆତ୍ମିକ ଜୀବନର ଦୀପରେ ତୈଳରେ ଅଭାବ ହୁଏ । ବ୍ୟକ୍ତିଗତ ବାକ୍ୟାଧ୍ୟାନର ଅବହେଳା କଲେ, ଆମ୍ଭମାନଙ୍କ ଆତ୍ମିକ ଜୀବନର ଦୀପ ତୈଳର ଅଭାବ ହେବ । ସର୍ବାଧିକାରୀ ସଦାପ୍ରଭୁଙ୍କୁ ଧନ୍ୟବାଦ ଅର୍ପଣରେ ଅବହେଳା କଲେ, ଆମ୍ଭମାନହ୍କ ଆତ୍ମିକ ଜୀବନର ଦୀପର ତୈଳର ଅଭାବ ହୁଏ । ପରମେଶ୍ୱରଙ୍କ ସେବାର୍ଥେ ଦାନ ଦେବାରେ ଅବହେଳା କରିବା ଦ୍ୱାରା ଅନ୍ୟମାନଙ୍କୁ ସାହାଯ୍ୟ କରିବାରେ ଅବହେଳା କରିବା ଦ୍ୱାରା, ନିୟମିତ ଭାବେ ରବିବାର ଉପାସନାରେ ଉପସ୍ଥିତ ହେବାରେ ଅବହେଳା କରିବା ଦ୍ୱାରା ଆମ୍ଭମାନଙ୍କ ଆତ୍ମିକ ଜୀବନର ଦୀପରେ ତୈଳର ଅଭାବ ହୁଏ ।

ଯୀଶୁ କହିଲେ, "ତୁମ୍ଭମାନଙ୍କର କଟି ବନ୍ଧା ଥାଉ ଓ ପ୍ରଦୀପ ଜଳୁଥାଉ.... ତୁମ୍ଭେମାନେ ମଧ୍ୟ ପ୍ରସ୍ତୁତ ହୋଇଥାଅ । କାରଣ ଯେଉଁ ଦଣ୍ଡରେ ତୁମ୍ଭେମାନେ ମନେ କରୁ ନ ଥିବ । ସେହି ଦଣ୍ଡରେ ମନୁଷ୍ୟପୁତ୍ର ଆସିବେ ।" (ଲୂକ ୧୨:୩୫-୪୦) ।

"... ...ଏହି ହେତୁ ହେ ଇଶ୍ରାଏଲ , ତୁମ୍ଭେ ଆପଣା ପରମେଶ୍ୱରଙ୍କ ସହିତ ସାକ୍ଷାତ କରିବାକୁ ପ୍ରସ୍ତୁତ ହୁଅ ।" (ଆମୋଷ ୪:୧୨) ।

**– *Kabita Gootam***

❋❋❋

# ସଦୋମ - ହମୋରା
## (Sodam - Gomarah)

ଦ୍ୱିତୀୟ ବିବରଣ ୨୯:୨୩-୨୪ ପଦରେ ସଦାପ୍ରଭୁ ପରମେଶ୍ୱର ମୋଶାଙ୍କ ଦ୍ୱାରା ଈଶ୍ରାଏଲ ପ୍ରଜାମାନଙ୍କୁ କହିଥିଲେ, "... ..ସଦାପ୍ରଭୁ ଆପଣା କ୍ରୋଧ ଓ କୋପରେ ଯେଉଁ ସଦୋମ ଓ ହମୋରା ଓ ଅଦ୍ମା ଓ ସଦୋୟିମ ନଗରମାନ ଉତ୍ପାଟନ କରିଥିଲେ । ତାହାପରି ଏହି ଦେଶର ସମସ୍ତ ଭୂମି ଗନ୍ଧକ ଓ ଲବଣ ଓ ଦହନରେ ପରିପୂର୍ଣ୍ଣ ହୋଇଅଛି, ତହିଁରେ କିଛି ବୁଣାଯାଏ ନାହିଁ, କି ଫଳ ଉତ୍ପନ୍ନ ହୁଏ ନାହିଁ, ତହିଁରେ କୌଣସି ତୃଣ ବଢ଼େ ନାହିଁ ।..."

୨ୟ ପିତର ୨:୬-୭, "ସେ ସଦୋମ ଓ ଗମୋରା ନଗର ସବୁକୁ ଭସ୍ମରେ ପରିଣତ କରି ସଂପୂର୍ଣ୍ଣ ରୂପେ ଧ୍ୱଂସ ପାଇବା ନିମନ୍ତେ ଦଣ୍ଡାଜ୍ଞା ଦେଲେ ଓ ସେମାନଙ୍କୁ ଭବିଷ୍ୟତକାଳରେ ଅଧାର୍ମିକମାନଙ୍କ ଦୃଷ୍ଟାନ୍ତ ସ୍ୱରୂପ କଲେ, ପୁଣି ସେ ଦୁରାଚାରୀମାନଙ୍କ କାମୁକତାପୂର୍ଣ୍ଣ ଆଚରଣରେ ବ୍ୟଥିତ ଧାର୍ମିକ ଲୋଟଙ୍କୁ ଉଦ୍ଧାର କଲେ ।"

(୧) ସଦୋମ - ହମୋରା ନଗର କେଉଁଠି ଅବସ୍ଥିତ ଥିଲା । (୨) ସେ ନଗର ଗୁଡିକୁ ସଦାପ୍ରଭୁ କାହିଁକି ଧ୍ୱଂସ କଲେ ? ପୁରାତନ ନିୟମ ସମୟ ଓ ନୂତନ ନିୟମ ସମୟରେ ଏହି ଘଟଣା କିପରି ଦୃଷ୍ଟାନ୍ତ ସ୍ୱରୂପ ଲେଖାଯାଇଅଛି, ବିଶ୍ଳେଷଣ କରିବା ।

### ୧. ସଦୋମ - ହମୋରା ନଗର ଗୁଡିକ କେଉଁଠି ଅବସ୍ଥିତ ଥିଲା :

ଆଦି ୧୩:୧୦-୧୨ ପଦନୁଯାୟୀ, ଏହି ନଗର ଗୁଡିକ ଯର୍ଦ୍ଦନ ନଦୀର ପୂର୍ବଭାଗରେ ଥିଲା । ଗାଲୀଲୀ ସମୁଦ୍ର (ତିବିରିଆ ସମୁଦ୍ର, କିଅବା ଗିନ୍ନେସରତ ସମୁଦ୍ର ଠାରୁ ବର୍ହିଗତ ହୋଇ ଲବଣ ସମୁଦ୍ରରେ ମିଳିତ ହୁଏ । ଲବଣ ସମୁଦ୍ର ଅର୍ଥାତ୍ ଏବେ ଯାହା ମୃତ ସମୁଦ୍ରରୂପେ ପରିଚିତ) ।

ଅତଏବ ସଦୋମ - ହମୋରା ଯର୍ଦ୍ଦନ ନଦୀର ପୂର୍ବ ଓ ମୃତ ସମୁଦ୍ରର ଉତ୍ତର ଭାଗରେ ଅବସ୍ଥିତ ଥିଲା । ସଦୋମ - ହମୋରା ନଗର ଗୁଡିକ ଯର୍ଦ୍ଦନ ନଦୀ ତଟରେ ଅବସ୍ଥିତ ଥିବାରୁ ଉତ୍କୃଷ୍ଟତମ ଭୂମି ଓ ଶସ୍ୟ ଶ୍ୟାମଳ ପ୍ରାନ୍ତ । ଦ୍ୱିତୀୟରେ ସେଠାରେ ମାଟିଆ ତେଲର (Tarpits) ଅନେକ ଖାତ ଥିଲା ବୋଲି ଆଦି ୧୪:୧୦ ପଦରେ ପଢ଼ିଥାଉଁ । ଅର୍ଥାତ୍ ପେଟ୍ରୋଲ ମଧ୍ୟ ଲବ୍ଧ ଥିଲା । ସୁନ୍ଦର ସୁନ୍ଦର ଭବନ ବିଶିଷ୍ଟ ଏହି

ନଗରର ଦ୍ୱାର ନିକଟରେ ଲୋଟ ଉପବିଷ୍ଟ ଥିବା ଦୃଶ୍ୟ ଆମ୍ଭେମାନେ ଆଦି ୧୯:୧ ପଦରେ ପଢ଼ିଥାଉଁ ।

ସଦୋମ-ହମୋରା ନଗରଗୁଡ଼ିକ ଶସ୍ୟ-ଶ୍ୟାମଳ (ଯଥେଷ୍ଟ ଖାଦ୍ୟ), ସୁନ୍ଦର ଭବନ, ଧନ ସମ୍ପଦ ଭରା ନଗର ଥିଲା ।

**୨. ବିନାଶ ହେବାର କାରଣ :** ଯିହିଜିକଲ ୧୬:୪୯, ୫୦ ପଦରେ ଲେଖାଯାଏ, ''ଦେଖ, ତୁମ୍ଭ ଭଗନୀ ସଦୋମର ଏହି ଅଧର୍ମ ଥିଲା, ତାହାର ଓ ତାହାର କନ୍ୟାଗଣର ଅହଂକାର, ଭକ୍ଷ୍ୟର ପୂର୍ଣ୍ଣତା ଓ ସୌଭାଗ୍ୟଜନିତ ଶାନ୍ତି ଥିଲା, ସେ ଦରିଦ୍ର ଓ ଦୀନହୀନଙ୍କର ହସ୍ତ ସବଳ କଲା ନାହିଁ । ପୁଣି ସେ ଅଂହକାରିଣୀ ଥିଲେ ଓ ଆମ୍ଭ ସମ୍ମୁଖରେ ଘୃଣାଯୋଗ୍ୟ କ୍ରିୟା କଲେ, ଏହେତୁ ଆମ୍ଭକୁ ଯେପରି ଭଲ ଦିଶିଲା, ସେପରି ଆମ୍ଭେ ସେମାନଙ୍କୁ ଦୂର କଲୁ ।''

ଏହି ବାକ୍ୟ ଠାରୁ ସଦୋମ-ହମୋରାର ଆତ୍ମିକ ଜୀବନର ସ୍ଥିତି ପ୍ରକଟ ହୁଏ

**(କ) ଅହଂକାର :** ସଦୋମର ପ୍ରଥମ ଦୁର୍ଗୁଣ ଅଂହକାର । ଏହି ଅହଂକାର ଧ୍ୟ ଅଭିବୃଦ୍ଧିରୁ ଜାତ । ଅଂହକାର ବା ଗର୍ବ ଶୟତାନର ସ୍ୱଭାବ ।'' ହେ ଲୁଶିଫର ପ୍ରତ୍ୟୁଷର ପୁତ୍ର ! ତୁମ୍ଭେ କିପରି ସ୍ୱର୍ଗରୁ ପତିତ ହେଲ ? ଗୋଷ୍ଠୀ ଗଣକୁ ତୁମ୍ଭେ ଯେ ନ୍ୟ କରିଥିଲ, ତୁମ୍ଭେ କିପରି ଭୂମିରେ ନିକ୍ଷିପ୍ତ ହେଲ ? ପୁଣି, ତୁମ୍ଭେ ମନେ ମନେ କହିଥିଲ ଆମ୍ଭେ ଆରୋହଣ କରିବା, ଆମ୍ଭେ ପରମେଶ୍ୱରଙ୍କ ନକ୍ଷତ୍ରଗଣର ଉର୍ଦ୍ଧ୍ୱରେ ଆପଣା ସିଂହାସନ ଉଚ୍ଚୀକୃତ କରିବା, ଆମ୍ଭେ ଉତ୍ତର ଦିଗର ପ୍ରାନ୍ତ ସମାଗମ ପର୍ବତରେ ଉପବିଷ୍ଟ ହେବା, ଆମ୍ଭେ ମେଘମାଳାର ଉର୍ଦ୍ଧ୍ୱକୁ ଆରୋହଣ କରିବା । ଆମ୍ଭେ ସର୍ବୋପରସ୍ଥଙ୍କର ତୁଲ୍ୟ ହେବା ।'' (ଯିଶାଇୟ ୧୪:୧୨-୧୪) । ''ତୁମ୍ଭର ସୌନ୍ଦର୍ଯ୍ୟ ହେତୁରୁ ତୁମ୍ଭର ଚିତ୍ତ ଗର୍ବିତ ହୋଇଅଛି, ତୁମ୍ଭେ ଆପଣାର ଶୋଭା ସକାଶେ ନିଜ ଜ୍ଞାନ ଭ୍ରଷ୍ଟ କରିଅଛ, ଆମ୍ଭେ ତୁମ୍ଭକୁ ଭୂମିରେ ନିକ୍ଷେପ କରିଅଛୁ, ରାଜାମାନେ ଯେପରି ତୁମ୍ଭକୁ ଦେଖିବେ, ଏଥିପାଇଁଆମ୍ଭେ ସେମାନଙ୍କ ସମ୍ମୁଖରେ ତୁମ୍ଭକୁ ରଖିଅଛୁ ।'' (ଯିଶାଇୟ ୨୮:୧୭)

ସୌନ୍ଦର୍ଯ୍ୟବନ୍ତ, ତେଜବନ୍ତ, ଜ୍ଞାନୀ, ସଦାପ୍ରଭୁଙ୍କ ସମ୍ମୁଖରେ ଉଚ୍ଚସ୍ଥାନ ଅଳଙ୍କୃତ ଲୁଶିଫର, ଗର୍ବୀଷ୍ଠୀ ହୋଇ ସଦାପ୍ରଭୁଙ୍କ ସମତୁଲ୍ୟ ହେବାକୁ ଆଶା କରି, ସଦାପ୍ରଭୁଙ୍କ ଦ୍ୱାରା ତାଡ଼ିତ ହୋଇ ପତିତ ହେଲା । ଆପଣା ମନରେ ଭାବିଥିବା ବିଷୟ ସବୁ ସଦାପ୍ରଭୁଙ୍କ ଜ୍ଞାତ ଅଟନ୍ତି । ଶୟତାନର ମନର ଭାବନା ସଦାପ୍ରଭୁ ଜ୍ଞାତ ହୋଇ, ତାହାକୁ ସ୍ୱର୍ଗରୁ ପତିତ କଲେ । ହିତ ୧୬:୧୮, ''ଅହଂକାର ସର୍ବନାଶର ସମ୍ମୁଖରେ ଥାଏ, ପୁଣି ଦାମ୍ଭିକ ମନ ପତନର ସମ୍ମୁଖରେ ଥାଏ ।

ଯିଶା ୨:୧୧, ''ମନୁଷ୍ୟର ଉଚ୍ଚଦୃଷ୍ଟି ନତ ହେବ ଓ ମନୁଷ୍ୟମାନଙ୍କର ଅହଂକାର ଅବନତ ହେବ, ପୁଣି ସେଦିନରେ କେବଳ ସଦାପ୍ରଭୁ ଉନ୍ନତ ହେବ ।''

ଗର୍ବୀମାନଙ୍କୁ ସ୍ୱର୍ଗରାଜ୍ୟରେ ସ୍ଥାନ ନାହିଁ । ଅହଂକାର ବିନାଶକୁ ଘେନିଯାଏ । ଅହଂକାରୀ ସଦାପ୍ରଭୁଙ୍କ ସମ୍ମୁଖରୁ ଉଚ୍ଛିନ୍ନ ହେବେ ।

ସଦୋମ ନିବାସୀମାନଙ୍କ ଗର୍ବ, ସଦାପ୍ରଭୁଙ୍କ ହେୟ ହେଲା । ଆମ୍ଭେମାନେ ମଧ୍ୟ ଗର୍ବୀ ନ ହେଉ । ସଦାସର୍ବଦା ସଦାପ୍ରଭୁଙ୍କ ଆଜ୍ଞାପାଳନ କରି, ତାହାଙ୍କ ଅନୁଗତ ହେଉ ।

**୩. ଭକ୍ଷ୍ୟର ପୂର୍ଣ୍ଣତା :** ସଦୋମ-ହମୋରା ଯର୍ଦ୍ଦନ ନଦୀ ତଟରେ ଅବସ୍ଥିତ ଥିବାରୁ, ଭରପୁର ଫସଲ ଫଳୁ ଥିଲା । ଆହାର ସମୃଦ୍ଧି ଭାବେ ଲବ୍ଧ ଥିଲା । ଆବଶ୍ୟକୀୟ ଶସ୍ୟ ଥିବାରୁ, କୌଣସି ବିଷୟର ଅଭାବ ନ ଥିଲା । ଏକ ଧନୀ ବ୍ୟକ୍ତି ବହୁତ ଫସଲ ସଂଗ୍ରହ କରି ଆପଣା ପ୍ରାଣକୁ କହିଲା, ''ରେ ପ୍ରାଣ, ଅନେକ ବର୍ଷ ନିମନ୍ତେ ତୋର ବହୁତ ଦ୍ରବ୍ୟ ସଞ୍ଚିତ ଅଛି, ବିଶ୍ରାମ କର, ଭୋଜନ କର, ଆମୋଦ କର.....'' (ଲୂକ ୧୨:୧୯)

ଆହାର ନିମନ୍ତେ ଚିନ୍ତିତ ହୁଅ ନାହିଁ ବୋଲି ଯୀଶୁଖ୍ରୀଷ୍ଟ 'ପର୍ବତ ଉପଦେଶ'ରେ କହିଅଛନ୍ତି । ଏଣୁ କଅଣ ଖାଇବା ? ଅବା କଅଣ ପିଇବା, କଅଣ ପିନ୍ଧିବା ? ଏହା କହି ଚିନ୍ତିତ ହୁଅ ନାହିଁ । (ମାଥିଉ ୬:୩୧)

''ଏଣୁ ଅନ୍ନବସ୍ତ୍ର ଥିଲେ, ଆମ୍ଭମାନଙ୍କ ନିମନ୍ତେ ଯଥେଷ୍ଟ ।'' (୧ମ ତୀମଥି ୬:୮) ''କାରଣ ଈଶ୍ୱରଙ୍କ ରାଜ୍ୟ ଭୋଜନ ପାନ ନୁହେଁ, କିନ୍ତୁ ଧାର୍ମିକତା, ଶାନ୍ତି ଓ ପବିତ୍ର ଆତ୍ମାଙ୍କ ଠାରେ ଆନନ୍ଦ ଅଟେ ।''

ପେଟାର୍ଥୀମାନେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବେ ନାହିଁ । ''ଯେବେ ତୁମ୍ଭେ ପେଟାର୍ଥୀ ହୁଅ, ତୁମ୍ଭେ ଆପଣା ଗଳାରେ ଛୁରୀ ଆପେ ରଖ ।'' (ହିତ ୨୩:୨) । ଆମ୍ଭେମାନେ ଶାରୀରିକ ଖାଦ୍ୟ ନିମନ୍ତେ ହିଁ ଆତୁର ନ ହୋଇ ଆତ୍ମିକ ଖାଦ୍ୟ ନିମନ୍ତେ କ୍ଷୁଧିତ ହେଉ । ''ଧାର୍ମିକତା ନିମନ୍ତେ କ୍ଷୁଧିତ ଲୋକ ଧନ୍ୟ କାରଣ ସେମାନେ ପରିତୃପ୍ତ ହେବେ ।'' (ମାଥିଉ ୫:୬) । ପେଟାର୍ଥୀମାନେ ନିଦ୍ରାଳୁ । ନିଦ୍ରା ଆମ୍ଭମାନଙ୍କ ପ୍ରାର୍ଥନା ଜୀବନରେ ବାଧାଜନକ ।

**ଗ) ସୌଭାଗ୍ୟଜନକ ଶାନ୍ତି : (ଅଳସ ପ୍ରିୟ)** - ସମୃଦ୍ଧି ଆହାର, ଧନ ସମ୍ପଦ ମନୁଷ୍ୟକୁ ଚିନ୍ତାଶୂନ୍ୟ ସ୍ଥିତିକୁ ନେଇଯାଏ । ଏତଦ୍ୱାରା ଅଳସୁଆମି ବୃଦ୍ଧି ପାଏ । ସଦୋମ ନିବାସୀଙ୍କର ଚିନ୍ତାଶୂନ୍ୟ ପରିସ୍ଥିତି ଥିଲା । ସମୃଦ୍ଧିବନ୍ତ ବ୍ୟକ୍ତିମାନଙ୍କର କୌଣସି ଅଭାବ ନ ଥିବାରୁ, ପରମେଶ୍ୱରଙ୍କୁ ମନେ ପକାନ୍ତି ନାହିଁ । ଧନୀ ବ୍ୟକ୍ତି ପ୍ରଚୁର ଫସଲ କାଟି, ପ୍ରଭୁଙ୍କୁ

ପାସୋରି ଆପଣା ମନକୁ ''ବିଶ୍ରାମ କର, ଭୋଜନ କର, ଆମୋଦ କର'' ବୋଲି କହିଥିଲେ ।

ହିତ ୬:୧୧ରେ ଅଳସପ୍ରିୟ ମାନଙ୍କ ବିଷୟରେ କୁହାଯାଏ । ''ତୁମ୍ଭର ଦରିଦ୍ରବସ୍ଥା ଖଣ୍ଡ ପରି, ପୁଣି ତୁମ୍ଭର ଦୀନତା ସମଜ୍ଜ ଲୋକ ପରି ଉପସ୍ଥିତ ହେବ ।''

ହିତ ୧୯:୧୫, ''ଆଳସ୍ୟ ଘୋର ନିଦ୍ରାରେ ପକାଏ, ପୁଣି ଅଳସ ପ୍ରାଣୀ କ୍ଷୁଧା ଭୋଗ କରିବ ।''

ଇଂରାଜୀ ଭାଷାରେ ଏକ ପ୍ରବଚନ ଅଛି, ଯାହା କହେ, ''An Idle man's mind is the devil's workshop'' ଅଳସପ୍ରିୟ, ସତ୍ ଆଲୋଚନା ରହିତ ହୃଦୟ, ଶୟତାନର କାରାଗାର ।

ମାଥିଉ ୧୨:୩୩,୩୪ ଯୀଶୁଖ୍ରୀଷ୍ଟ ଏକ ଦୃଷ୍ଟାନ୍ତ କହିଅଛନ୍ତି, ''ଅଶୁଚି ଆତ୍ମା ଜଣେ ମନୁଷ୍ୟ ଠାରୁ ବାହାରିଗଲା ଉତ୍ତାରେ ଜଳଶୂନ୍ୟ ସ୍ଥାନସବୁ ଭ୍ରମଣ ସ୍ଥାନ ସବୁ ଭ୍ରମଣ କରି ବିଶ୍ରାମ ଖୋଜେ ଓ ତାହା ପାଏ ନାହିଁ । ସେଥିରେ ସେ କୁହେ, ମୁଁ ଯେଉଁ ଘ ବାହାରି ଆସିଥିଲି, ମୋର ସେହି ଗୃହକୁ ବାହୁଡ଼ିଯିବି, ପୁଣି ସେ ଆସି ତାହା ଶୂନ୍ୟ ମାର୍ଜ୍ଜି ଓ ସୁଶୋଭିତ ଦେଖେ । ସେତେବେଳେ ସେ ଯାଇ ଆପଣା ଠାରୁ ଅଧିକ ଦୁଷ୍ଟ ଆ ସାତୋଟି ଆତ୍ମା ସଙ୍ଗରେ ଘେନି ଆସେ, ପୁଣି ସେମାନେ ପ୍ରବେଶ କରି ସେଠାରେ ବାସ କରନ୍ତି, ଆଉ ସେହି ଲୋକର ପ୍ରଥମ ଦଶା ଅପେକ୍ଷା ଶେଷ ଦଶା ଅଧିକ ମନ୍ଦ ହୁଏ । ଏହି ଦୁଷ୍ଟ ପୁରୁଷ ପ୍ରତି ମଧ୍ୟ ସେହି ପ୍ରକାରେ ଘଟିବ ।

ଅଳସପ୍ରିୟ ସଦୋମ ନିବାସୀମାନେ ସୌଭାଗ୍ୟ ସ୍ଥିତିରୁ ଶାନ୍ତି ଅନୁଭବ କରିବା ସତ୍ତ୍ୱେ, ସେମାନଙ୍କ ହୃଦୟ ଦୁଷ୍ଟ ଆଲୋଚନାରେ ପୂର୍ଣ୍ଣ ଥିଲା । ପରିତ୍ରାଣ ପ୍ରାପ୍ତ ହେବା ପରେ, ଆମ୍ଭମାନଙ୍କୁ ଆପଣା ଆପଣା ହୃଦୟ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ପୂର୍ଣ୍ଣ କରୁ । ପରିତ୍ରାଣ ପ୍ରାପ୍ତ ହେବା ପରେ ଆମ୍ଭମାନଙ୍କ ଆତ୍ମିକ ଜୀବନ ବିଷୟରେ ଅବହେଳା କଲେ, ଆମ୍ଭମାନଙ୍କ ହୃଦୟରେ ଶୟତାନ ପ୍ରବେଶ କରେ । ଦୁଷ୍ଟ ଆଲୋଚନାରେ ଭରି ଦେବ । ସର୍ବଦା ଈଶ୍ୱରଙ୍କ ବାକ୍ୟ ପଠନ କରି, ଆପଣା ହୃଦୟରେ ତାହା ସଞ୍ଚୟ କରି, ଆପଣା ଆପଣା ଜୀବନ ସୁଧାରୁ ।

***– B.S.A. Suvartha***

❋❋❋

**Edited & Publlished by : Kabita & Joshua Gootam**

# WALK WITH JESUS

Author Unknown

Along the shore of Galilee
the Master walked one day,
And invited those who washed their nets
to follow him, or stay.
But if they chose to follow Him.
they understood that then,
No longer would they cast for fish,
but rather fish for men.

They left their nets and turned their backs
on all that they had known,
As they sought a better kingdom,
and the king upon His throne.
They walked with Him in danger,
and through glories multiplied,
As they grew to strength and honor
with the Master at their side.

And so they walked with Him one day,
to the brow of Olive's hill,
And watched as He ascended,
having done His Father's will.

Then they walked along the highway
of the world's great golden store,
With a constant, unseen Presence,
By their side forevermore.
And they preached a saving Gospel
to the lost of every race,
As Jesus walked among them,
Giving freely of God's grace.

When James bowed to the axe man,
and his spirit fled away,
He just walked beside his Jesus,
to a better place and day.
And 'twas on the isle of Patmos,
on the Lord's Day, we are told,
John turned to see the Master,
clothed in robes of shining gold.
And when his work was finished,
and his tasks on earth were done,
He just took the hand of Jesus
and kept on walking with the Son.

Oh, if I could walk with Jesus,
if I could only hold His hand,
What a diff' rence it would make,
in this toilsome, troubled land.
As I walked on to the sunset,
and the gold-hued western sea,
Just to take the hand of Jesus,
and to have Him walk with me.

No temptation could o' erwhelm me,
nor could sorrow rack my soul.
For the presence of the Master
would keep bright the shining goal.
And when my walk was finished,
and I rested on the shore,
I would take the hand of Jesus
and walk with Him forevermove.

***Printed Book Only***

From:

**SATYA VANI**
**P.O. Box 80,**
**Kakinada - 533 001**

**To**

(FOR PRIVATE CRICULATION ONLY)